# ମଇ ଦିବସ
# ଇତିହାସ, ତାତ୍ପର୍ଯ୍ୟ ଓ ସଂଗ୍ରାମ

ସୌରୀବନ୍ଧୁ କର

୧୮୯୬ ମସିହା ମଇ ଦିବସ ଦିନ ଜର୍ମାନ ଶ୍ରମିକମାନଙ୍କର ଗୋଟିଏ ଖବରକାଗଜ ଭବିଷ୍ୟତବାଣୀ ସଦୃଶ୍ୟ ଲେଖିଥିଲେ ଯେ ମଇ ଦିବସ ସମସ୍ତ ମୁକ୍ତିକାମୀ ମାନବଜାତିର ଶାନ୍ତି ଓ ସମୃଦ୍ଧିର ଛୁଟି ଦିବସ ଭାବେ ସମସ୍ତ ବୁର୍ଜୁଆ ଛୁଟି ଦିବସଠାରୁ ଚିର ଜାଜ୍ୱଲ୍ୟମାନ ହୋଇରହିବ । ମଇ ଦିବସ ଭବିଷ୍ୟତ ଦିଗକୁ ଅଗ୍ରସର ହେବାର ଦିବସ କାରଣ ସମାଜ ବିକାଶ ପାଇଁ ସଦାସର୍ବଦା ସାମାଜିକ ପ୍ରଗତି ମାର୍ଗରେ ଯୋଗଦେବାକୁ ପ୍ରଚେଷ୍ଟା କରେ ।

ମଇ ଦିବସର ଜୀବନ୍ତ ପରମ୍ପରାକୁ ଏଯାବତ୍ କେହି ଭାଙ୍ଗିପାରିନି । ମଇ ଦିବସ ଶତବର୍ଷ ପୂର୍ତ୍ତି ଉପଲକ୍ଷେ, ୧୮୮୬ ମସିହାରେ ହୋଇଥିବା ଧର୍ମଘଟ ଓ ହେ ମାର୍କେଟ ଘଟଣାକୁ ସ୍ମରଣ କରି ଚିକାଗୋ ମ୍ୟୁନିସିପାଲିଟି ଏକ ନିଷ୍ପତ୍ତି ଗ୍ରହଣ କରିଥିଲେ । ତାହା ଥିଲା ସହରକୁ ସମ୍ପୂର୍ଣ୍ଣ ପରମାଣୁ ମୁକ୍ତ ଅଞ୍ଚଳ ଘୋଷଣା କରିବା । ଯେଉଁ ସହର ୧୦୦ବର୍ଷ ତଳେ ମଇ ଦିବସର ଜନ୍ମସ୍ଥାନ ହୋଇଥିଲା, ତାହା ୱାଂଶିଟନ କ୍ଷମତା କେନ୍ଦ୍ରର ଦୁଃସାହସିକ ଯୋଜନାକୁ ପ୍ରତିହତ କରି ଘୋଷଣା କରିଥିଲା ଯୁଦ୍ଧ ନୁହେଁ, ଆଣବିକ ଅସ୍ତ୍ର ନୁହେଁ ।

ମଇ ଦିବସ ଇତିହାସ

ମଇଦିବସ ଶ୍ରମିକ ଶ୍ରେଣୀର ଗୌରବମୟ ଏକତା ଓ ସଂଗ୍ରାମର ଇତିହାସ । ଏହାର ମୂଳଉତ୍ସ ହେଉଛି ଆଠଘଣ୍ଟା କାମର ଦାବିନେଇ ଆନ୍ଦୋଳନ । ଏହି ଦାବି ଶ୍ରମିକ ଶ୍ରେଣୀ ପାଇଁ ରାଜନୈତିକ ଗୁରୁତ୍ୱ ବହନ କରେ । ଆମେରିକା ଯୁକ୍ତରାଷ୍ଟ୍ରରେ କାରଖାନା ହେବାଦିନଠାରୁ ଏଇ ଦାବିନେଇ ଆନ୍ଦୋଳନ ହୋଇଆସିଛି । ଯଦିଓ ମଜୁରି ବୃଦ୍ଧି ଆମେରିକାରେ ପ୍ରଥମେ ଧର୍ମଘଟ ହେବାର ମୁଖ୍ୟକାରଣ ଥିଲା କିନ୍ତୁ ସମୟକ୍ରମେ ଶ୍ରମିକମାନଙ୍କୁ ବହୁ ସମୟ ଧରି କାମ କରିବାକୁ ବାଧ କରାଯାଇ ଶୋଷଣ ଓ ନିର୍ଯ୍ୟାତନା କରାଯିବାରୁ, ଦୈନିକ କାର୍ଯ୍ୟସମୟକୁ ନିର୍ଦ୍ଦିଷ୍ଟ କରାଯିବା ପାଇଁ ବ୍ୟାପକ ଆନ୍ଦୋଳନ ଦାନା ବାନ୍ଧିବାକୁ ଆରମ୍ଭ କଲା ଏବଂ ଏଇ ବ୍ୟବସ୍ଥା ବିରୁଦ୍ଧରେ ଶ୍ରମିକମାନେ ସ୍ୱର ଉତ୍ତୋଳନ କରିବାକୁ ଆରମ୍ଭ କଲେ ।

ଉନବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଆମେରିକାର ଶ୍ରମିକମାନେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କାମ କରୁଥିଲେ । ୧୪,୧୬ ଓ ୧୮ ଘଣ୍ଟା ସାଧାରଣ କାମର ସମୟ ଥିଲା । କେଉଁଠି କେଉଁଠି ମଧ୍ୟ ୧୯ଘଣ୍ଟା ବା ୨୦ ଘଣ୍ଟା କାମ କରିବାକୁ ହେଉଥିଲା । ୧୮୨୦ ଓ ୧୮୩୦ ମସିହା ମଧ୍ୟରେ ୧୦ଘଣ୍ଟା କାର୍ଯ୍ୟ ସମୟ ନିର୍ଘଣ୍ଟ କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦିଆଗଲା । ବିଶ୍ୱର ପ୍ରଥମ ଟ୍ରେଡ୍ ୟୁନିୟନର ମାନ୍ୟତା ଲାଭ କରିଥିବା ଫିଲାଡେଲଫିଆର ମେକାନିକ୍ ୟୁନିୟନ୍ ୧୮୨୭ ମସିହାରେ ୧୦ଘଣ୍ଟା କାମ ପାଇଁ ଦାବି କଲା । ୧୮୩୪ ମସିହାର ନ୍ୟୁୟର୍କରେ ପାଉଁରୁଟି ସେକାଳୀମାନଙ୍କର ଧର୍ମଘଟ ସମୟରେ 'ୱାର୍କମେନ୍ସ ଆଡ୍‌ଭୋକେଟ୍' ନାମକ ଏକ ଖବରକାଗଜ ପ୍ରକାଶ ପାଇଲା । ଏହି ଖବରକାଗଜରେ ଲେଖାଥିଲା, ''ପାଉଁରୁଟି ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ଶ୍ରମିକମାନେ ବର୍ଷ ବର୍ଷ ଧରି ଇଜିପ୍ଟର କ୍ରୀତଦାସଙ୍କ ଠାରୁ ଅଧିକ ଦୁର୍ଦ୍ଦଶାରେ ସଢୁଛନ୍ତି । ୨୪ଘଣ୍ଟା ମଧ୍ୟରୁ ସେମାନଙ୍କୁ ୧୮ଘଣ୍ଟାରୁ ୨୦ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ହେଉଛି ।'' ୧୮୩୭ ମସିହାରେ ଆମେରିକାରେ ଆର୍ଥିକ ସଙ୍କଟ ଦେଖାଦେଲା । ଏହା ସତ୍ତ୍ୱେ ୧୦ଘଣ୍ଟା କାମ ସମୟର ଦାବି ନେଇ ଶ୍ରମିକମାନଙ୍କର ସ୍ୱର ଦବିଗଲା ନାହିଁ । ସରକାରୀ ପ୍ରତିଷ୍ଠାନରେ ଶ୍ରମିକମାନେ ଦିନକୁ ୧୦ଘଣ୍ଟା କାମ କରିବା ପାଇଁ ପ୍ରେସିଡେଣ୍ଟ ଭ୍ୟାନ୍ ବୁରେନ୍ ଆଇନ୍ କଲେ । କିନ୍ତୁ କଳକାରଖାନାରେ ୧୦ଘଣ୍ଟା କାମ ପାଇଁ ଶ୍ରମିକମାନଙ୍କୁ ଆହୁରି ୧୦/୧୨ ବର୍ଷ ଧରି ଆନ୍ଦୋଳନ

କରିବାକୁ ହେଲା । ୧୮୫୭ ମସିହାରେ ଆମେରିକାର ଆର୍ଥିକ ସଙ୍କଟ ଶ୍ରମିକମାନଙ୍କ ଆନ୍ଦୋଳନକୁ ବାଧାପ୍ରାପ୍ତ କରିଥିଲେ ମଧ୍ୟ ଏହି ଦାବିନେଇ ଶ୍ରମିକମାନେ ସଙ୍ଗଠିତ ହେଉଥିଲେ । କେତେ କଳକାରଖାନାରେ ଶ୍ରମିକମାନେ ସଫଳ ହେଲେ । ପୁଞ୍ଜିପତି ଶ୍ରେଣୀର ଶୋଷଣ ବିରୋଧରେ, ଏହି ଆନ୍ଦୋଳନ କେବଳ ଆମେରିକାରେ ସୀମାବଦ୍ଧ ନରହି ଅନ୍ୟସ୍ଥାନକୁ ବ୍ୟାପିଲା । ସୁଦୂର ଅଷ୍ଟ୍ରେଲିଆରେ ଗୃହ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ (ରାଜମିସ୍ତ୍ରୀ ଇତ୍ୟାଦି) ଦାବି ଉଠାଇଲେ, ''ଆଠଘଣ୍ଟା କାମ, ଆଠଘଣ୍ଟା ଚିତ୍ତ ବିନୋଦନ ଓ ଆଠଘଣ୍ଟା ବିଶ୍ରାମ ।'' ଏହି ଦାବି ସେମାନେ ୧୮୫୬ ମସିହାରେ ହାସଲ କଲେ ।

### ଆଠଘଣ୍ଟା କାମ ପାଇଁ ସଂଗ୍ରାମ

୮ଘଣ୍ଟା କାମ ପାଇଁ ଆନ୍ଦୋଳନ ପ୍ରତ୍ୟକ୍ଷଭାବେ ମଇ ଦିବସକୁ ଜନ୍ମ ଦେଇଥିଲା । କିନ୍ତୁ ଏହାର ସୂତ୍ର ୧୮୮୪ ମସିହାରେ ଯୁକ୍ତରାଷ୍ଟ୍ରରେ ଆରମ୍ଭ ହୋଇଥିବା ସାଧାରଣ ଧର୍ମଘଟରୁ ଅନୁସନ୍ଧାନ କରିବାକୁ ହେବ । ଏହାପୂର୍ବରୁ ନ୍ୟାସନାଲ ଲେବର ୟୁନିୟନ କାମର ସମୟ କମାଇବା ପାଇଁ ଏକ ବ୍ୟାପକ ଆନ୍ଦୋଳନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ୧୮୬୧ରେ ଆମେରିକାରେ ଗୃହଯୁଦ୍ଧ ହେବା ଫଳରେ ମୁଷ୍ଟିମେୟ ଜାତୀୟ ୟୁନିୟନ୍ ଯଥା– ମୋଲଡରସ୍ ୟୁନିୟନ, ମେକାନିଷ୍ଟ ଏବଂ ବ୍ଲାକ୍ସ୍ମିଥ୍ ୟୁନିୟନ୍ ଭାଙ୍ଗିପଡିଲା । କିନ୍ତୁ ଏହାପରେ ଜାତୀୟ ସ୍ତରରେ ୟୁନିୟନମାନଙ୍କର ଏକତ୍ରିକରଣ କରି ଏକ ଜାତୀୟ ଫେଡେରେସନ୍ ଗଠନ ପାଇଁ ଚେଷ୍ଟା କରାଗଲା । ୨୦ଅଗଷ୍ଟ ୧୮୬୬ ମସିହାରେ ବାଲ୍ଟିମୋର ସହରରେ ୪୦ଟି ଟ୍ରେଡ୍ ୟୁନିୟନ ଏକାଠି ହୋଇ ନ୍ୟାସନାଲ ଲେବର ୟୁନିୟନ ଗଠନ କଲେ । ଏହାର ନେତୃତ୍ୱ ନେଲେ ଉଇଲିୟମ୍ ଏଚ୍ ସିଲଭିସ୍ ନାମକ ଏକ ଯୁବକ । ସେ ଶ୍ରମିକ ଆନ୍ଦୋଳନର ଜଣେ ଜଣାଶୁଣା ନେତା ଥିଲେ । ସେ ଲଣ୍ଡନରେ କାର୍ଲମାର୍କସ୍ଙ୍କ ନେତୃତ୍ୱରେ ଗଠିତ ହୋଇଥିବା 'ପ୍ରଥମ ଆନ୍ତର୍ଜାତିକ' ସହିତ ସମ୍ପର୍କ ସ୍ଥାପନ କଲେ ଏବଂ ନ୍ୟାସନାଲ ଲେବର ୟୁନିୟନ୍‌ର ସମ୍ପର୍କ ଆନ୍ତର୍ଜାତିକ ସାଧାରଣ ପରିଷଦ ସହ ସ୍ଥାପିତ ହେଲା । ୧୮୬୬ରେ ନ୍ୟାସନାଲ୍ ଲେବର ୟୁନିୟନର ପ୍ରଥମ କନ୍‌ଭେନ୍‌ସନ୍‌ରେ ୮ଘଣ୍ଟା କାମ କରିବାର ଦାବି ନେଇ ନିମ୍ନୋକ୍ତ ପ୍ରସ୍ତାବ ଗ୍ରହଣ କରାଗଲା ।

ପ୍ରଥମତଃ ଯାହାର ଆବଶ୍ୟକତା ବର୍ତ୍ତମାନ ପାଇଁ ସବୁଠାରୁ ଅଧିକ ଗୁରୁତ୍ୱ ବହନ କରେ, ତାହା ହେଉଛି ଏ ଦେଶର ଶ୍ରମିକମାନଙ୍କୁ ପୁଞ୍ଜିପତିମାନଙ୍କର ଦାସତ୍ୱରୁ ମୁକ୍ତ କରିବା । ଆମେରିକାରେ ଥିବା ୟୁନିୟନ୍‌ମାନଙ୍କ ପାଇଁ ସାଧାରଣ କାମ କରିବା ସମୟ ୮ଘଣ୍ଟା ହେବା ପାଇଁ ଆଇନ୍ ହେଲା । ଆମ୍ଭେମାନେ ସମ୍ପୂର୍ଣ୍ଣ ସଫଳତା ପାଇବା ପାଇଁ ଆମର ସମସ୍ତ ଶକ୍ତିକୁ ବିନିଯୋଗ କରିବାକୁ ସଂକଳ୍ପବଦ୍ଧ ।

ନ୍ୟାସନାଲ ଲେବର ୟୁନିୟନ ଆହ୍ୱାନରେ ୮ଘଣ୍ଟା କାମର ଦାବି ନେଇ ଆନ୍ଦୋଳନ ଗଢି ଉଠିଲା ଏବଂ ୮ଘଣ୍ଟା କାମ ପାଇଁ କମିଟି ଗଠିତ ହେଲା । ୧୮୬୮ରେ ବାଧ୍ୟ ହୋଇ ଆମେରିକାର କେତେକ ରାଜ୍ୟ ସରକାର ୮ଘଣ୍ଟା ଦାବିକୁ ମାନିନେଲେ ଏବଂ ଯୁକ୍ତରାଷ୍ଟ୍ର ସରକାର ଆଇନ୍ ପାସ୍ କଲେ ।

ସିଲଭିସ୍ଙ୍କ ନେତୃତ୍ୱରେ ଶ୍ରମିକ ଆନ୍ଦୋଳନ ଉଚ୍ଚ ପର୍ଯ୍ୟାୟକୁ ଯିବାକୁ ଲାଗିଲା । ସମସ୍ତ ସଂସ୍କାରବାଦ ବିରୋଧରେ ସଂଗ୍ରାମ କରି ସିଲଭିସ୍ ଶ୍ରମିକ ଶ୍ରେଣୀର ସ୍ୱାଧୀନ ରାଜନୈତିକ ସଂଗ୍ରାମ ଉପରେ ଜୋରଦେଇ ସଫଳ ହେଲେ । ସିଲଭିସ୍ଙ୍କ ପ୍ରଚେଷ୍ଟା ଫଳରେ ୧୮୬୭ରେ ହୋଇଥିବା କନ୍‌ଭେନ୍‌ସନ୍ ଆନ୍ତର୍ଜାତିକ ଶ୍ରମିକ ଶ୍ରେଣୀ ଆନ୍ଦୋଳନକୁ ସମର୍ଥନ କରିବାକୁ ପ୍ରସ୍ତାବ ଗ୍ରହଣ କରିଥିଲେ ଏବଂ ବାସ୍‌ଲେଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ କଂଗ୍ରେସରେ ଯୋଗ ଦେବାକୁ ପ୍ରତିନିଧି ପଠାଇବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ । ସିଲ୍‌ଭିସ୍ ପ୍ରତିନିଧି ଭାବେ ଏହି କଂଗ୍ରେସରେ ଯୋଗଦେବାକୁ ଥିଲା । କିନ୍ତୁ ହଠାତ୍ ତାଙ୍କର ମୃତ୍ୟୁ ଆମେରିକାର ଶ୍ରମିକ ଆନ୍ଦୋଳନ ପ୍ରତି ଥିଲା ଶକ୍ତ ଆଘାତ । ଏହା ଫଳରେ ନ୍ୟାସନାଲ ଲେବର ୟୁନିୟନ୍ ଭାଙ୍ଗିପଡିଲା । ସିଲଭିସ୍ଙ୍କ ବଦଳରେ ଏ.ସି. କାମେରନ୍ ଓ୍ୱାର୍କିଂମେନସ୍ ଆଡଭୋକେଟ୍ ଖବରକାଗଜର ସମ୍ପାଦକଙ୍କୁ ପ୍ରତିନିଧି ଭାବରେ ପଠାଗଲା ।

### ୮ଘଣ୍ଟା କାମର ଦାବି ଏକ ବୈପ୍ଳବିକ ଆହ୍ୱାନ

ସିଲଭିସ୍ଙ୍କ ମୃତ୍ୟୁ ଘଟିଲେ ମଧ୍ୟ ତାଙ୍କର ବିପ୍ଳବୀ ନେତୃତ୍ୱ ଜୀବନ୍ତ ରହିଲା । ୮ଘଣ୍ଟା କାମର ସ୍ଲୋଗାନ୍ କେବଳ ଆମେରିକା ନୁହେଁ ସମଗ୍ର ବିଶ୍ୱର ଶ୍ରମିକଶ୍ରେଣୀ ପାଇଁ ହୋଇଗଲା ଏକ ବୈପ୍ଳବିକ ଆହ୍ୱାନ । ୧୮୬୬ ମସିହାରେ ଜେନେଭାଠାରେ ଅନୁଷ୍ଠିତ ପ୍ରଥମ ଆନ୍ତର୍ଜାତିକ କଂଗ୍ରେସ ଦୈନିକ ୮ଘଣ୍ଟା କାମର ଦାବିକୁ ଶ୍ରମିକ ଶ୍ରେଣୀର ମୁକ୍ତି ଆନ୍ଦୋଳନର ଏକ ପ୍ରାଥମିକ ଆବଶ୍ୟକତା ବୋଲି ନିର୍ଦ୍ଧାରଣ କଲେ । ନ୍ୟାସନାଲ ଲେବର ୟୁନିୟନର ୧୮୬୬ ଅଗଷ୍ଟ ପ୍ରସ୍ତାବ ଉପରେ ଆଧୁନିକ ବୈଜ୍ଞାନିକ ସାମ୍ୟବାଦର ଜନକ କାର୍ଲମାର୍କ୍ସ ୧୮୬୭ରେ ତାଙ୍କର 'କ୍ୟାପିଟାଲ'ର ପ୍ରଥମ ଭାଗରେ ଏ ଦାବିକୁ ପ୍ରଶଂସା କରିବା

ସହିତ ନିଗ୍ରୋ ଓ ଶ୍ୱେତ ସୈନିକମାନଙ୍କର ଏକତା ପ୍ରତି ଆହ୍ୱାନ ଦେଇ ଲେଖିଥିଲେ–

''ଆମେରିକା ଯୁକ୍ତରାଷ୍ଟ୍ରରେ ଯେପର୍ଯ୍ୟନ୍ତ ରିପବ୍ଲିକ୍‌ର ଗୋଟିଏ ଭାଗକୁ ଦାସତ୍ୱ କଳଙ୍କିତ କରୁଛି, ସେ ପର୍ଯ୍ୟନ୍ତ ଯେକୌଣସି ସ୍ୱାଧୀନ ଶ୍ରମିକ ଆନ୍ଦୋଳନ ଗଢିଉଠିଛି, ତାହା ପଙ୍ଗୁ ହୋଇଯାଇଛି । ଯେଉଁଠି କଳା ଚମଡାର ଶ୍ରମିକ ଉପରେ ଆକ୍ରମଣ ହେଉଛି, ସେଠାରେ ଧଳା ଚମଡାର ଶ୍ରମିକ କେବେହେଲେ ମୁକ୍ତି ପାଇବନାହିଁ । କିନ୍ତୁ ଦାସତ୍ୱର ମୁକ୍ତି ଭିତରୁ ଗୋଟିଏ ନୂତନ ଶକ୍ତିଶାଳୀ ଜୀବନ ବାହାରି ଆସିଲା । ଗୃହଯୁଦ୍ଧର ପ୍ରଥମ ଫଳ ହୋଇଛି ୮ଘଣ୍ଟା କାମ ପାଇଁ ଆନ୍ଦୋଳନ । ଏ ଆନ୍ଦୋଳନ ଆଟ୍‌ଲାଣ୍ଟିକ୍‌ଠାରୁ ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ, ନିଉ ଇଂଲଣ୍ଡଠାରୁ କାଲିଫର୍ଣ୍ଣିଆ ପର୍ଯ୍ୟନ୍ତ ଏକ୍ସପ୍ରେସ ଗତିରେ ଦୌଡିବାକୁ ଲାଗିଲା ।''

ମାର୍କସ୍ ଦେଖାଇଛନ୍ତି କିପରି ଆମେରିକାର ବଲଟିମୋର ସହରରେ ୮ଘଣ୍ଟା କାମର ଦାବି ଗ୍ରହଣ କଲାବେଳେ ଆଟଲାଣ୍ଟିକର ଅପରପାର୍ଶ୍ୱରେ ଜେନେଭାରେ ଗୋଟିଏ ଆନ୍ତର୍ଜାତୀୟ କଂଗ୍ରେସ ସେଇ ଦାବି ଗ୍ରହଣ କରିଥିଲେ । ଅତଏବ ଆଟଲାଣ୍ଟିକର ଉଭୟ ପାର୍ଶ୍ୱର ଶ୍ରମିକ ଶ୍ରେଣୀର ଆନ୍ଦୋଳନ ସ୍ୱତଃସ୍ଫୂର୍ତ୍ତ ଏବଂ ଉତ୍ପାଦନ ବ୍ୟବସ୍ଥାରୁ ଜନ୍ମ ।

୨୩ବର୍ଷ ପରେ ଆମେରିକାର ଏହି ଶ୍ରମିକ ଆନ୍ଦୋଳନ ଆନ୍ତର୍ଜାତିକ ଆନ୍ଦୋଳନ ଉପରେ ପ୍ରଭାବ ପକାଇଲା ।

### ଆମେରିକାରେ ମଇ ଦିବସର ଜନ୍ମ

୧୮୮୪ ଅକ୍ଟୋବର ୭ତାରିଖରେ ଆମେରିକାର ଶ୍ରମିକ ସଂଗଠନମାନଙ୍କର କନ୍‌ଭେନ୍‌ସନ୍‌ରେ ମଇ ଦିବସରେ ଦିନକୁ ୮ଘଣ୍ଟା କାମର ଦାବି ଉତ୍‌ଥାପନ କରିବା ପାଇଁ ନିଷ୍ପତ୍ତି କରିଥିଲେ। ସେତେବେଳେ ଏହି ଶ୍ରମିକ ଅନୁଷ୍ଠାନର ନାମ ଥିଲା 'ଫେଡେରେସନ୍ ଅଫ୍ ଅର୍ଗାନାଇଜ୍ ଟ୍ରେଡସ୍ ଆଣ୍ଡ ଲେବର ୟୁନିୟନ୍ ଅଫ୍ ୟୁନାଇଟେଡ୍ ଷ୍ଟେଟସ୍ ଆଣ୍ଡ କାନାଡା । ପରେ ତା' ନାମ ହେଲା 'ଆମେରିକାନ୍ ଫେଡେରେସନ୍ ଅଫ୍ ଲେବର ।'' ସେହି କନ୍‌ଭେନ୍‌ସନ୍‌ରେ ନିମ୍ନଲିଖିତ ପ୍ରସ୍ତାବ ଗ୍ରହଣ କରାଗଲା ।

''ଫେଡେରେସନ୍ ଅଫ୍ ଅର୍ଗାନାଇଜଡ୍ ଟ୍ରେଡସ ଆଣ୍ଡ ଲେବର ୟୁନିୟନ୍ ଅଫ୍ ଦି ୟୁନାଇଟେଡ୍ ଷ୍ଟେଟସ ଆଣ୍ଡ କାନାଡାର ଏ ସମ୍ମିଳନୀ ନିଷ୍ପତ୍ତି କରୁଛି ଯେ ୧୮୮୬ ମଇ ପହିଲାଠାରୁ ଆଠ ଘଣ୍ଟା ଗୋଟିଏ ଆଇନାନୁମୋଦିତ ଦିନର କାମ ହିସାବରେ କରାଯିବ ଏବଂ ଆମେ ଶ୍ରମିକ ସଂଗଠନମାନଙ୍କୁ ପରାମର୍ଶ ଦେଉଛୁ ଯେ ସେମାନେ ତାଙ୍କର ପରିସର ମଧ୍ୟରେ ପ୍ରସ୍ତାବରେ ଏହି ନିର୍ଦ୍ଦିଷ୍ଟ ହୋଇଥିବା ସମୟ ଭିତରେ ଏ ପ୍ରସ୍ତାବ ସହିତ ଖାପ ଖାଇବା ପରି ସେମାନଙ୍କର ଆଇନକାନୁନ୍ ପରିଚାଳିତ କରିବେ ।''

ସେତେବେଳେ ଏ ଅନୁଷ୍ଠାନର ସଭ୍ୟ ସଂଖ୍ୟା ଥିଲା ୫୦ହଜାର । ତେଣୁ ସେମାନେ ନିଜ ଇଚ୍ଛାନୁସାରେ ଦିନକୁ ୮ଘଣ୍ଟା କାମ ଦାବିକୁ କାର୍ଯ୍ୟକାରୀ କରିପାରନ୍ତେ ନାହିଁ । ସେମାନଙ୍କୁ ଏ ଦିଗରେ ସଂଗ୍ରାମ କରିବାକୁ ପଡିବ ବୋଲି ସେମାନେ ଧରିନେଲେ। ୧୮୮୬ ମସିହା ମଇ ପହିଲା ଦିନ ଏ ଦାବି ଉପରେ ଧର୍ମଘଟ କରିବାର ମସୁଧା ହେଲା । ଧର୍ମଘଟ ଡାକରା କିନ୍ତୁ ଦିଆଯାଇ ନଥିଲା । ଫେଡେରେସନ୍ ପ୍ରସ୍ତାବରେ ଷ୍ଟ୍ରାଇକ୍ ପାଣ୍ଠି ଉଠାଇବା ପାଇଁ ପ୍ରତ୍ୟେକ ୟୁନିୟନକୁ ନିର୍ଦ୍ଦେଶ ଦିଆଯାଇଥିଲା ।

### ମଇ ଦିବସ ଧର୍ମଘଟ ପାଇଁ ପ୍ରସ୍ତୁତି

୧୮୮୦–୧୮୯୦ ମସିହା ଆମେରିକାରେ ଶିଳ୍ପ ସଂଖ୍ୟା ବୃଦ୍ଧି ପାଇଥିଲେ ମଧ୍ୟ ଆର୍ଥିକ ମାନ୍ଦାବସ୍ଥା ଶ୍ରମିକ ଶ୍ରେଣୀ ଉପରେ ଗଭୀର ପ୍ରଭାବ ପକାଇଥିଲା ଓ ବେକାର ଲୋକେ ଏହି ଆନ୍ଦୋଳନରେ ସାମିଲ ହେଲେ । ୧୮୭୭ରେ ରେଳ ଓ ଲୁହାଶିଳ୍ପର ହଜାର ହଜାର ଶ୍ରମିକ ଧର୍ମଘଟ ଆରମ୍ଭ କଲେ । ଏହା ହେଉଛି ଆମେରିକା ଶ୍ରମିକ ଶ୍ରେଣୀର ଦେଶବ୍ୟାପୀ ଆନ୍ଦୋଳନ । ଆମେରିକା ସରକାର ଓ ପୁଞ୍ଜିବାଦୀ ଶ୍ରେଣୀ ଏହାକୁ ଦମନ କରିବା ପାଇଁ ସବୁ ପ୍ରକାର ଚେଷ୍ଟା କଲେ । ଆନ୍ଦୋଳନ ବିଫଳ ହେଲା କିନ୍ତୁ ଶ୍ରମିକଶ୍ରେଣୀ ବୁଝି ପାରିଲେ ଯେ ସରକାର ଓ ପୁଞ୍ଜିପତି ଶ୍ରେଣୀ ଏକ । ସେମାନେ ନିଜ ଶ୍ରେଣୀର ଅବସ୍ଥା ଓ ଭୂମିକାକୁ ଆପଣାର ଅଭିଜ୍ଞତାରୁ ଉପଲବ୍ଧି କଲେ । ଧର୍ମଘଟ ବିଫଳ ହେଲେ ମଧ୍ୟ ସେମାନେ ରାଜନୈତିକ ଭାବେ ଆହୁରି ସଚେତନ ହେଲେ ।

୧୮୭୫ ମସିହାରେ ପେନ୍‌ସିଲଭେନିଆର କୋଇଲା ଖଣି ମାଲିକମାନେ ଶ୍ରମିକମାନଙ୍କର ସଙ୍ଗଠନକୁ ଦମନ କରିବା ପାଇଁ ମଲମୋଗୁରାସ ୧୦ଜଣ ଲଢୁଆ ଖଣି ଶ୍ରମିକମାନଙ୍କୁ ଫାସିଖୁଣ୍ଟରେ ଝୁଲାଇ ଦେଲେ ।

ଆମେରିକାନ୍ ଫେଡେରେସନ୍ ଅଫ୍ ଲେବର ଦେଖିଲେ ଯେ ୮ଘଣ୍ଟା କାମର ଦାବି ଉପରେ ଫେଡେରେସନ୍ ବାହାରେ ଥିବା ଓ ନାଇଟ୍‌ସ୍ ଅଫ୍ ଲେବର (ଆଉ ଗୋଟିଏ ପୁରୁଣା ସଂଗଠନ) ଭିତରେ ଥିବା ଶ୍ରମିକମାନଙ୍କୁ ମଧ୍ୟ ଗୋଟିଏ ମଞ୍ଚରେ ଏକ୍‌ଜୁଟ କରିହେବ । ଏହିପରି ଏକ ମିଳିତ ସାଧାରଣ ସଂଗ୍ରାମ ଜରିଆରେ ହିଁ ସେମାନଙ୍କର ଦାବି ଆଦାୟର ପଥ ସୁଗମ ହେବ ।

୧୮୮୫ ଫେଡେରେସନ୍ କନ୍‌ଭେନ୍‌ସନରେ ଆସନ୍ତା ବର୍ଷ ମଇ ପହିଲା ଦିନ କାରଖାନା ଛାଡି ଚାଲି ଆସିବା ପାଇଁ ନିଷ୍ପତ୍ତି ପୁଣି ଥରେ ଗ୍ରହଣ କରାଗଲା । କାଠ କାରିଗର ଓ ସିଗାରେଟ୍ ଶ୍ରମିକ ପ୍ରଭୃତି ସଂଗ୍ରାମ ପାଇଁ ପ୍ରସ୍ତୁତ ହେଲେ । ଏଇ ଆନ୍ଦୋଳନ ଉପରେ ପ୍ରତ୍ୟେକ ୟୁନିୟନର ସଭ୍ୟ ସଂଖ୍ୟା ବଢିବାକୁ ଲାଗିଲା । ନାଇଟ୍ ଅଫ୍ ଲେବରର ସଂଖ୍ୟା ୨ଲକ୍ଷରୁ ବୃଦ୍ଧି ପାଇ ଏହି ସମୟରେ ୭ଲକ୍ଷ ହେଲା । ଫେଡେରେସନ୍ ଧର୍ମଘଟର ତାରିଖ ଧାର୍ଯ୍ୟ କରିବାକୁ ସ୍ଥିର କଲେ । କିନ୍ତୁ ଜଣା ପଡିଲା ଯେ ନାଇଟ୍ ଅଫ୍ ଲେବରର ନେତା ଟେରେନ୍‌ସ ପାଉଡରଲି ଧର୍ମଘଟ ବିରୋଦ୍ଧରେ ଗୁପ୍ତ ଭାବରେ ପ୍ରଚାର କରୁଛନ୍ତି । ଏହା ଜଣାପଡିବା ପରେ ତାଙ୍କର ଲୋକପ୍ରିୟତା ହ୍ରାସ ପାଇଲା କିନ୍ତୁ ୟୁନିୟନର ଶ୍ରମିକମାନେ ଧର୍ମଘଟରେ ଯୋଗ ଦେବାକୁ ସ୍ଥିର କଲେ । ଫେଡେରେସନ୍‌ର ଲୋକପ୍ରିୟତା ବୃଦ୍ଧି ପାଇଲା । ୮ଘଣ୍ଟା ଲାଗି ସଂଗ୍ରାମ ପରିଷଦ ଗଢିଉଠିଲା । ଶ୍ରମିକମାନଙ୍କ ମଧ୍ୟରେ ଏକ ନୂତନ ସଂଗ୍ରାମୀ ମନୋଭାବ ଦେଖାଗଲା । ଶ୍ରମିକମାନଙ୍କର ସଂଗ୍ରାମ ହେଉଛି ଏକମାତ୍ର ମାପକାଠି, ଏହା ସେମାନେ ଉପଲବ୍ଧି କରି ନୂତନ ଉତ୍ସାହରେ ଏହାର ସଫଳତା ପାଇଁ ଲାଗିପଡିଲେ ।

ଧର୍ମଘଟ ପ୍ରସ୍ତୁତି ବ୍ୟାପକ ହେଲା

୧୮୮୫ ଓ ୧୮୮୬ ମସିହାରେ ପୂର୍ବବର୍ଷ ତୁଳନାରେ ଅଧିକ ଧର୍ମଘଟ ହୋଇଥିଲା । ୧୮୮୧-୮୪ ମଧ୍ୟରେ ଧର୍ମଘଟ ଓ ତାଲା ବନ୍ଦ ହାରାହାରି ୫୦୦ରୁ କମ୍ ଥିବାବେଳେ ବାର୍ଷିକ ପ୍ରାୟ ୧,୫୦,୦୦୦ ଶ୍ରମିକ ଏଥିରେ ଅଂଶଗ୍ରହଣ କରିଥିଲେ । କିନ୍ତୁ ୧୮୮୫ରେ ଧର୍ମଘଟ ଓ ତାଲାବନ୍ଦ ୭୦୦କୁ ବୃଦ୍ଧି ପାଇଲା ଏବଂ ଏଥିରେ ୨,୫୦,୦୦୦ ଶ୍ରମିକ ଭାଗନେଲେ । ୧୮୮୬ରେ ଧର୍ମଘଟର ସଂଖ୍ୟା ଦ୍ୱିଗୁଣିତ ହୋଇ ୧୫୭୨ ହେଲା ଏବଂ ପ୍ରାୟ ୬ଲକ୍ଷ ଶ୍ରମିକ ଏଥିରେ ଯୋଗଦେଲେ । ୧୮୮୫ ମସିହାରେ ୨୪୬୭ ଗୋଟି ପ୍ରତିଷ୍ଠାନ ଧର୍ମଘଟ ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ୧୮୮୬ରେ ଏ ସଂଖ୍ୟା ଥିଲା ୧୧,୫୬୨ । ଧର୍ମଘଟର କେନ୍ଦ୍ର ହେଲା ଚିକାଗୋ ସହର । ଏହା ବ୍ୟତୀତ ନ୍ୟୁୟର୍କ, ବଲଟିମୋର, ୱାଶିଂଟନ୍, ମିଲୱାଇକି, ପିଟସବର୍ଗ ଓ ଡେଟ୍ରିଅଟ୍ ପ୍ରଭୃତି ଅନେକ ସହରରେ ଧର୍ମଘଟ ଦେଖାଦେଲା । ଏହାର ବିଶେଷତ୍ୱ ଏହି ଯେ ଧର୍ମଘଟରେ ଅଦକ୍ଷ ଓ ଅସଂଗଠିତ ଶ୍ରମିକମାନେ ବିଶେଷ ଭାଗ ନେଲେ । ଚାରିଆଡେ ବିଦ୍ରୋହର ବାତ୍ୟା ବହିଲା ଓ ଧର୍ମଘଟର ଜୁଆର ଛୁଟିଲା । ଦେଶ ଭିତରେ ଗୋଟିଏ ସାମାଜିକ ଯୁଦ୍ଧ ଲାଗିଲା ବୋଲି ବୁର୍ଜୁଆ ଲେଖକମାନେ ବର୍ଣ୍ଣନା କଲେ । ମଇ ଦିବସରେ ଯୋଗ ଦେଇଥିବା ପ୍ରାୟ ଅଧେ ଶ୍ରମିକ ୮ଘଣ୍ଟା ଦାବି ହାସଲ କଲେ ଓ ଅଧିକାଂଶ ସ୍ଥାନରେ କାମର ଘଣ୍ଟା କମିଲା ।

ଚିକାଗୋର ଧର୍ମଘଟ ଓ 'ହେ ମାର୍କେଟ'

ମଇ ପହିଲା ଦିନ ଚିକାଗୋରେ ସବୁଠାରୁ ଲଢୁଆ ଧର୍ମଘଟ ହେଲା କାରଣ ସେଠାରେ ବାମପନ୍ଥୀମାନଙ୍କର ଶକ୍ତି ଥିଲା ବେଶୀ । ଧର୍ମଘଟର ବହୁପୂର୍ବରୁ ୮ଘଣ୍ଟା କାମ ଆସୋସିଏସନ୍ ଗଢାଯାଇଥିଲା । ଏହା ଥିଲା ସମସ୍ତଙ୍କର ଏକ ମିଳିତ ସାମ୍ମୁଖ୍ୟ । ଏଥିରେ ଥିଲେ ଫେଡେରେସନ୍, ନାଇଟ ଅଫ୍ ଲେବର ଓ ଆମେରିକା ଶ୍ରମିକର ପ୍ରଥମ ସୋସିଆଲିଷ୍ଟ ପାର୍ଟି । ମଇ ପହିଲା  ପଡିଲା ସୋମବାର ଦିନ । ରବିବାର ଦିନ କେନ୍ଦ୍ର ଶ୍ରମିକ ୟୁନିୟନ (ବାମପନ୍ଥୀମାନଙ୍କର ସଙ୍ଗଠନ) ଗୋଟିଏ ସଭା ଓ ଶୋଭାଯାତ୍ରା କଲେ । ସେଥିରେ ୪୦ ହଜାର ଶ୍ରମିକ ଯୋଗ ଦେଇଥିଲେ ।

ମଇ ପହିଲାରେ ପ୍ରାୟ ସାଢେ ୩ଲକ୍ଷ ଶ୍ରମିକ ନିଜର ହାତ ହତିଆର ରଖି ବାହାରିଲେ । ଆମେରିକାର ଶ୍ରମିକ ଆନ୍ଦୋଳନରେ ଏହା ଥିଲା ଏକ ଅଭିନବ ଘଟଣା । ୮ଘଣ୍ଟାର କାମ ଦାବି ଉପରେ ସମସ୍ତେ ଏକଜୁଟ ହେଲେ । ଶ୍ରମିକ ଶ୍ରେଣୀର ମାଲିକ ଓ ସରକାର ଚୁପ୍ ହୋଇ ବସିଲେ ନାହିଁ । ଶ୍ରମିକ ଆନ୍ଦୋଳନକୁ ଧ୍ୱଂସ କରିବା ପାଇଁ ସମସ୍ତ ଶକ୍ତି ଖଟାଇଲେ । ଚିକାଗୋ ଶ୍ରମିକ ଆନ୍ଦୋଳନକୁ ଏକ ମରଣାନ୍ତକ ଆଘାତ ଦେବା ପାଇଁ ସମସ୍ତ ପ୍ରକାର କୌଶଳ ଅବଲମ୍ବନ କଲେ । ବୁର୍ଜୁଆ ଖବର କାଗଜମାନେ ଶ୍ରମିକ ଆନ୍ଦୋଳନରେ ନେତାମାନଙ୍କ ବିରୋଧରେ କୁତ୍ସା ପ୍ରଚାର କଲେ । ମଇ ୧ତାରିଖ ୧୮୮୬ ମସିହା 'ଚିକୋଗୋ ମେଲ'ରେ ପ୍ରକାଶ ପାଇଲା, ଦୁଇଜଣ ଦୁର୍ଦ୍ଧର୍ଷ ହତ୍ୟାକାରୀ, ଦୁଇଜଣ ଭୀରୁ ଅନ୍ୟମାନଙ୍କ ପଶ୍ଚାତ୍‌ରେ ରହି ସହରରେ ଗଣ୍ଡଗୋଳ ଉପୁଯାଉଛନ୍ତି । ସେମାନଙ୍କର ନାମ ହେଲା ଆଲବର୍ଟ ଆର ପାର୍ସନ ଏବଂ ଅଗଷ୍ଟ ସ୍ପାଇଜ୍ । ଯଦି କୌଣସି ଅଘଟଣ ଘଟେ, ତେବେ ଭଦ୍ର ନାଗରିକମାନେ ଉଦାହରଣ ସ୍ୱରୂପ ଏଇ ଦୁଇଜଣଙ୍କୁ ଧରିବେ ।'' ଚିକାଗୋ ସମ୍ବାଦପତ୍ର ଶ୍ରମିକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଚାକିରିରୁ ବହିଷ୍କାର କରିବାର ଧମକ ପ୍ରକାଶ କଲେ ।

ଚିକାଗୋ ସହରର ଗଳିକନ୍ଦି, ରାସ୍ତାଘାଟ ମଇ ପହିଲା ଦିନ ସୈନ୍ୟ ଓ ପୁଲିସ ଛାଉଣୀରେ ଭର୍ତ୍ତି ହୋଇଯାଇଥିଲା ।

ହଜାର ହଜାର ସଂଖ୍ୟାରେ ଶ୍ରମିକ ଏହାକୁ ଭ୍ରୂକ୍ଷେପ ନକରି ଚିକାଗୋ ରାସ୍ତା ଉପରକୁ ଅଜାଡି ହୋଇପଡିଲେ । ସେଦିନ ଆମେରିକାର ଏପରି କୌଣସି ସହର ନଥିଲା, ଯେଉଁଠାରେ ଶ୍ରମିକମାନେ ବିକ୍ଷୋଭ କରି ନଥିଲେ ।

କିନ୍ତୁ ଦୁଇଦିନ ପରେ ୩ ତାରିଖ ଦିନ ଚିକାଗୋ ଶିଳ୍ପପତିମାନେ ପାଲଟା ଆକ୍ରମଣ କଲେ । ଅନେକଗୁଡିଏ କାରଖାନାର ମାଲିକ ଘୋଷଣା କଲେ ଯେ ଯେଉଁମାନେ ଧର୍ମଘଟରେ ଯୋଗ ଦେଇଥିଲେ, ସେମାନଙ୍କ ଉପରକୁ ଗୁଳି ବର୍ଷଣ କରାଯିବ । ମ୍ୟାକ୍ କରମିକ ହାରଭେଷ୍ଟ ପ୍ଲାଣ୍ଟର ଧର୍ମଘଟକାରୀ ୩୦୦ଶ୍ରମିକଙ୍କୁ ପୋଲିସ କର୍ଡନ ମଧ୍ୟରେ ରାସ୍ତା ଉପରକୁ ଅଣାଗଲା । ଏହାକୁ ପ୍ରତିରୋଧ କରିବା ପାଇଁ ନିକଟସ୍ଥ କାଠ କାରଖାନାମାନଙ୍କରୁ ଶ୍ରମିକମାନେ ଆସି ଶାନ୍ତିପୂର୍ଣ୍ଣ ବିକ୍ଷୋଭ କଲେ । ପୋଲିସ ନିରସ୍ତ୍ର ଶ୍ରମିକମାନଙ୍କ ଉପରେ ଗୁଳିଚାଳନା କରିବା ଫଳରେ ୬ଜଣ ଶ୍ରମିକ ମୃତ୍ୟୁବରଣ କଲେ ଓ ଅନେକ କ୍ଷତାକ୍ତ ହେଲେ ।

ମଇ ୪ତାରିଖରେ ତା'ର ପ୍ରତିବାଦ କରିବା ପାଇଁ ଚିକାଗୋର 'ହେ ମାର୍କେଟ' ସ୍କୋୟାରରେ ସଭା ହେଲା । ସଭା ସରିଲାବେଳକୁ ଜଣେ ଅଜ୍ଞାତ ବ୍ୟକ୍ତି ବୋମା ଫୋପାଡିବା ଫଳରେ ୭ଜଣ ପୋଲିସ ଓ ୪ଜଣ ଶ୍ରମିକ ମୃତ୍ୟୁ ମୁଖରେ ପଡିଲେ ଓ ବହୁ ଲୋକ ଆହତ ହେଲେ । ସମବେତ ଜନତା ଉପରେ ଚାଲିଲା ନୃଶଂସ ଆକ୍ରମଣ । ଶ୍ରମିକ ରକ୍ତରେ ହେ ମାର୍କେଟ ସ୍କୋୟାର ଲାଲ ହୋଇ ଉଠିଲା । ପୋଲିସ ବହୁ ଶ୍ରମିକମାନଙ୍କୁ ଧରିନେଲେ । ଶ୍ରମିକ ଆନ୍ଦୋଳନକୁ ଦମନ କରିବା ପାଇଁ ଅଜବ ମିଛ ଓ ଆତଙ୍କଜନକ ପ୍ରଚାର କରାଗଲା । ଶ୍ରମିକ ନେତାଙ୍କ ବିରୋଧରେ ମିଥ୍ୟା ମକଦ୍ଦମା ରୁଜୁ କରାଗଲା । ସେମାନେ ହେଲେ ଆଲବର୍ଟ ଆର. ପାରସନସ, ଅଗଷ୍ଟ ସ୍ପାଇଜ, ସାମୁଏଲ ଜେ ଫିଲଡେନ୍, ୟଜେନ ସ୍କାଓ୍ୱାନ, ଆଡଲଫ ଫିସର, ଜର୍ଜ ଏଞ୍ଜେଲସ, ଲୁଇଲିଙ୍ଗ ଓ ଓସ୍କାର ନିବେ । ଏମାନଙ୍କର ବିଚାର ଗୋଟିଏ ପ୍ରହସନ ଥିଲା । ପରେ ଜଣା ପଡିଲା ଯେ ପୋଲିସର ସାକ୍ଷୀଙ୍କୁ ଲାଞ୍ଚ ଦିଆଯାଇଥିଲା । ସେଦିନ ଫିଲଡେନ୍ଙ୍କ ବ୍ୟତୀତ ଅନ୍ୟ ସମସ୍ତ ନେତା ସଭାସ୍ଥଳ ଛାଡି ଚାଲିଯାଇଥିଲେ । ବିଚାରରେ ୭ଜଣଙ୍କୁ ଫାଶୀ ଓ ନିବେଙ୍କୁ ୧୫ବର୍ଷ ଜେଲ ହେଲା ।

୧୮୮୭ ନଭେମ୍ବର ୧୧ ତାରିଖ ଦିନ ଶ୍ରମିକ ନେତା ପାରସନସ୍, ସ୍ପାଇଜ, ଫସର ଓ ଏଞ୍ଜେଲସଙ୍କୁ ଫାଶୀ ଦିଆଗଲା । ଜେଲ୍ଖାନାର ଏକ ନିଭୃତ କୋଠରୀରେ 'ଲିଙ୍ଗ'କୁ ମରି ପଡିଥିବାର ଦେଖାଗଲା । ପୋଲିସ କହିଲା ଯେ ଲିଙ୍ଗ ଆତ୍ମହତ୍ୟା କରିଥିଲେ । ଶ୍ରମିକ ଆନ୍ଦୋଳନକୁ ଦମନ କରିବା ପାଇଁ ଏହା ଥିଲା ସୁପରିକଳ୍ପିତ ନିର୍ମମ ଅତ୍ୟାଚାର । ଗଣତନ୍ତ୍ରର ପୂଜାରୀ ବୋଲାଉଥିବା ଆମେରିକାର କୋର୍ଟ ଓ ନ୍ୟାୟ ବ୍ୟବସ୍ଥା ପୁଞ୍ଜିବାଦର ନିର୍ଲଜ ଦଲାଲ ଓ ଆତତାୟୀ ପରି କାର୍ଯ୍ୟ କଲେ ।

ବନ୍ଦୀମାନଙ୍କ ବିଚାର ପ୍ରହସନ ବିରୋଧରେ ବିଶ୍ୱବ୍ୟାପୀ ଆନ୍ତର୍ଜାତିକ ସଂହତିର ସ୍ୱର ଗୁଞ୍ଜରିତ ହେଲା । ସେମାନଙ୍କର ପ୍ରଚେଷ୍ଟା ଆଶିଂକ ସଫଳ ହେଲା । ଫିଲଡେନ୍ ଓ ସ୍କୋଓ୍ୱାବଙ୍କର ଦଣ୍ଡ କୋହଳ କରାଯାଇ ଆଜୀବନ କାରାଦଣ୍ଡ ହେଲା ।

ଶ୍ରମିକ ନେତାମାନେ ବୀରତ୍ୱପୂର୍ଣ୍ଣ ଭାବେ ଫାଶୀଖୁଣ୍ଟର ସାମନା କଲେ । ପାରସର ଫାଶୀଖୁଣ୍ଟରୁ ବଡ ପାଟିରେ କହିଲେ, 'ଆମେରିକାର ଜନସାଧାରଣ ! ଲୋକମାନଙ୍କର ପ୍ରତିବାଦର ସ୍ୱର ଉଠାଅ ଓ ଭାଇମାନେ ! ସ୍ପାଇଜ ଚିତ୍କାର କରି କହିଲେ, ''ତମେ ମୋର ସ୍ୱରକୁ ଆଜି ବନ୍ଦ କରି ଦେଇପାର । କିନ୍ତୁ ଦିନ ଆସିବ ଯେତେବେଳେ ଆମର ନୀରବତା ତମେ ଆଜି ଚିପି ଦେଉଥିବା ସ୍ୱରଠାରୁ ବହୁ ଶକ୍ତିଶାଳୀ ହେବ ।''

ମଇ ଦିବସ ଆନ୍ତର୍ଜାତିକ ଦିବସ ହେଲା

୧୮୮୯ ଜୁଲାଇ ୧୪ ତାରିଖ ଦିନ ପ୍ୟାରିସ ସହରରେ ବିଭିନ୍ନ ଦେଶର ସୋସିଆଲିଷ୍ଟ ଆନ୍ଦୋଳନର ପ୍ରତିନିଧିମାନଙ୍କର ଏକ ବୈଠକ ହେଲା । ଏଥିରେ ଦ୍ୱିତୀୟ ଆନ୍ତର୍ଜାତିକ ଗଠିତ ହେଲା । ଆମେରିକା ଶ୍ରମିକ ଶ୍ରେଣୀର ବୀରତ୍ୱ ପୂର୍ଣ୍ଣ ମଇଦିବସ ସଂଗ୍ରାମରେ ଅନୁପ୍ରାଣିତ ହୋଇ ଦ୍ୱିତୀୟ ଆନ୍ତର୍ଜାତିକ ୧୮୯୦ ମସିହା ମଇ ପହିଲାରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଲେ, ସେହିଦିନଠାରୁ ବିଭିନ୍ନ ରାଷ୍ଟ୍ରରେ ମଇ ପହିଲାକୁ ଆନ୍ତର୍ଜାତିକ ଶ୍ରମିକ ଦିବସ ଭାବେ ପାଳନ କରାଯାଉଛି ।

୨୫ଜୁନ୍, ୧୮୯୩ ମସିହାରେ ହେ ମାର୍କେଟ' ସହିତ ଓ ଚିକାଗୋର ସର୍ବହରା ନେତାଙ୍କ ଏକ ସ୍ମୃତି ସୌଧ ଉଦ୍‌ଘାଟିତ ହେଲା । ସେହିଦିନ ଇଲିନିୟସର ଗଭର୍ଣ୍ଣର ଆଲବୋଲ୍ଟ ନ୍ୟାୟପାଳିକାର ନିଷ୍ପତ୍ତିକୁ ଅବୈଧ ଘୋଷଣା କରି ସମସ୍ତ ବନ୍ଦୀମାନଙ୍କୁ ମୁକ୍ତ କଲେ ।

ମଇ ପହିଲା ୧୮୮୬ ଆନ୍ତର୍ଜାତିକ ଶ୍ରମିକ ଶ୍ରେଣୀର ଇତିହାସର ଏକ ଦିପ୍ତୀମାନ ଆଲୋକବର୍ତ୍ତିକା ଭାବେ ଶ୍ରମିକ ଶ୍ରେଣୀକୁ ଉଦ୍‌ବୁଦ୍ଧ କରୁଛି ।

ଭାରତରେ ଦିବସ ଓ ଶ୍ରମିକ ଶ୍ରେଣୀର ଆନ୍ଦୋଳନ

ଭାରତରେ ଦିବସ ଓ ଶ୍ରମିକ ଶ୍ରେଣୀର ଆନ୍ଦୋଳନ ମଇ ଦିବସ ପାଳନ ହେବାର ୧୨୨ ବର୍ଷ ପୂର୍ଣ୍ଣ ହୋଇଗଲାଣି ।

ଆନ୍ତର୍ଜାତୀୟ ଶ୍ରମିକ ଦିବସ ଭାବେ ମଇ ଦିବସକୁ ପାଳନ କଲାବେଳେ ଏହି ଦୀର୍ଘବର୍ଷ ମଧ୍ୟରେ ଆମ ଦେଶରେ ଓ ବିଶ୍ୱରେ ଅନେକ ପରିବର୍ତ୍ତନ ଘଟିଯାଇଛି । ମଇ ଦିବସ ହେଉଛି ଶ୍ରମିକ ଶ୍ରେଣୀର ଗୌରବମୟ ଏକତାର ଓ ସଂଗ୍ରାମର ଦିବସ । ମଇ ଦିବସ ପାଳନ କରିବା ବେଳେ ଆମେ ସ୍ୱତଃସ୍ଫୂର୍ତ୍ତ ଭାବରେ ମନେପକାଉ ଅତୀତର ସେହି ଦିନଟିକୁ ଅର୍ଥାତ୍ ୧୮୮୬ ମେ ୧ ତାରିଖ, ଯେଉଁଦିନ ଆମେରିକାର ଚିକାଗୋ ସହରର ହେ ମାର୍କେଟରେ ଆଠ ଘଣ୍ଟା କାମ ପାଇଁ ଶ୍ରମିକମାନଙ୍କ ଉପରେ ଅମାନୁଷିକ ଗୁଳିଚାଳନା କରାଯାଇ ଶ୍ରମିକ ରକ୍ତରଞ୍ଜିତ ହୋଇଥିଲା । ୧୮୮୯ ଜୁଲାଇ ୧୪ ତାରିଖରେ ପ୍ୟାରିସଠାରେ ଅନୁଷ୍ଠିତ ହେଲା ଦ୍ୱିତୀୟ ଆନ୍ତର୍ଜାତିକ ଏବଂ ଏହି ଆନ୍ତର୍ଜାତିକ ଆମେରିକା ଶ୍ରମିକ ଶ୍ରେଣୀର ବୀରତ୍ୱପୂର୍ଣ୍ଣ ମଇ ଦିବସ ସଂଗ୍ରାମରେ ଅନୁପ୍ରାଣିତ ହୋଇ ୧୮୯୦ ମସିହାଠାରୁ ମଇ ପହିଲାକୁ ଆନ୍ତର୍ଜାତିକ ଶ୍ରମିକ ଦିବସ ଭାବେ ପାଳନ କରିବାକୁ ।

୧୯୨୦ ମସିହାରେ ଏଆଇଟିୟୁସି ଜନ୍ମଲାଭ କଲା । ୧୯୨୩ ମସିହା ମେ ୧ ତାରିଖ ଦିନ ମାନ୍ଦ୍ରାଜଠାରେ ପ୍ରଥମ ମଇ ଦିବସ ଲେବର କିଷାନ ପାର୍ଟି ଅଫ୍ ହିନ୍ଦୁସ୍ଥାନ ପକ୍ଷରୁ ସଙ୍ଗଠିତ ହେଲା । ଭାରତରେ ପ୍ରଥମ ଥର ପାଇଁ ଏହି ଦିନ ଲାଲ ପତାକା ଉଡିଲା । ପାର୍ଟିର ନେତା ସିଙ୍ଗାରଭେଲୁ ଚେଟିୟାର ୧୯୨୩ ମଇ ପହିଲାକୁ ଦୁଇଟି ସ୍ଥାନରେ ପାଳନ କରିଥିଲେ । ମାନ୍ଦ୍ରାଜ ହାଇକୋର୍ଟର ସମୁଦ୍ର କୂଳରେ ଗୋଟିଏ ପାଳନ ହେବା ବେଳେ ଅନ୍ୟଟି ଥିଲା ଟ୍ରିପିକ୍ଲେନ ସମୁଦ୍ରକୂଳ ! ଏ ସମ୍ପର୍କରେ ହିନ୍ଦୁ ପତ୍ରିକାରେ ପ୍ରକାଶ ପାଇଲା ଲେବର କିଷାନ ପାର୍ଟି ମାନ୍ଦ୍ରାଜରେ ମଇ ଦିବସ ପାଳନ ଆରମ୍ଭ କରିଛି । କମ୍ରେଡ ସିଙ୍ଗାଇଭେଲୁ ଏହି ସଭାରେ ସଭାପତିତ୍ୱ କରିଥିଲେ । ଗୋଟିଏ ପ୍ରସ୍ତାବ ଗ୍ରହଣ ହୋଇ କୁହାଯାଇଥିଲା ଯେ ସରକାର ମଇ ଦିବସକୁ ଛୁଟିଦିବସ ଘୋଷଣା କରନ୍ତୁ । ପାର୍ଟିର ସଭାପତି ପାର୍ଟିର ଅହିଂସା ନୀତି ସମ୍ପର୍କରେ ସୂଚନା ଦେଇଥିଲେ। ଆର୍ଥିକ ସାହାଯ୍ୟ ଦେବା ପାଇଁ ଅନୁରୋଧ ଆସିଥିଲା । ସେଥିରେ ଗୁରୁତ୍ୱ ଦେଇ କୁହାଯାଇଥିଲା ଯେ ବିଶ୍ୱର ଶ୍ରମିକ ଶ୍ରେଣୀ ନିଶ୍ଚୟ ଏକତ୍ରିତ ହୋଇ ସ୍ୱାଧୀନତା ପାଇବେ ।

୧୯୨୫ ମସିହା ଫେବୃଆରୀ ମାସରେ ଏଆଇଟିୟୁସିର ଅନୁଷ୍ଠିତ ପଞ୍ଚମ ସମ୍ମିଳନୀରେ ୪୮ ଘଣ୍ଟା କାର୍ଯ୍ୟ ସମୟ ପାଇଁ ମତପ୍ରକାଶ ପାଇଲା । କିନ୍ତୁ ଏହା କାର୍ଯ୍ୟକାରୀ ହେଲା ସ୍ୱାଧୀନତା ପରେ ୧୯୪୮ ମସିହାରେ ଯେତେବେଳେ ଫ୍ୟାକ୍ଟ୍ରି ଆଇନରେ ପରିବର୍ତ୍ତନ କରାଯାଇ ଦିନକୁ ଆଠ ଘଣ୍ଟା ଧାର୍ଯ୍ୟ କରାଗଲା । ଓଡ଼ିଶାରେ ୧୯୪୬ ମସିହାରେ ପ୍ରଥମେ ଏଆଇଟିୟୁସି ଶ୍ରମିକ ସଂଗଠନ ଗଠନ କରାଗଲା । କିନ୍ତୁ ଏହା ପୂର୍ବରୁ ୧୯୩୯ରେ ପ୍ରଥମ ଟ୍ରେଡ ୟୁନିୟନ ଭାବେ କଟକ ପ୍ରେସ କର୍ମଚାରୀ ସଂଘ ଜନ୍ମଲାଭ କରିଥିଲା। ୧୯୩୯ ମସିହାରେ ପୁରୀରେ ମେହେନ୍ତରମାନେ ଧର୍ମଘଟ କରିଥିଲେ । ତାହା ଥିଲା ଓଡ଼ିଶାରେ ପ୍ରଥମ ଧର୍ମଘଟ । ଓଡ଼ିଶାରେ କେବେଠାରୁ ମଇ ଦିବସ ପାଳନ ହେଲା ତାହା ସଠିକ୍ ଭାବରେ ଜଣାନଥିଲେ ମଧ୍ୟ ୧୯୩୯ ବା ୧୯୪୬ରୁ ଏହା ସମ୍ଭବତଃ ପାଳିତ ହୋଇଆସୁଛି । କେହି କେହି ୧୯୫୨ ମସିହାରେ ଏହା ପାଳନ ହେଉଥିବାର କହିଥାନ୍ତି ।

ଲେନିନଙ୍କ ମତରେ ମଇ ଦିବସ ସମାରୋହ ହେଉଛି ଘଟଣାମାନଙ୍କ ମଧ୍ୟରେ ସବୁଠାରୁ ଗରୁତ୍ୱପୂର୍ଣ୍ଣ । ସମସ୍ତ ରାଷ୍ଟ୍ରମାନଙ୍କରେ ଥିବା ସର୍ବହରାମାନଙ୍କ ଦ୍ୱାରା ଉପସ୍ଥାପିତ କାର୍ଯ୍ୟ ସମୟ ୮ଘଣ୍ଟା ଦାବି ହେଉଛି ସର୍ବପ୍ରଥମ ଦାବି । ଆଠ ଘଣ୍ଟାର ଏହି ଦାବି ହେଉଛି ସମଗ୍ର ସର୍ବହରା ଶ୍ରେଣୀର ଦାବି, କୌଣସି ବ୍ୟକ୍ତି ମାଲିକାନା ନିକଟରେ ନୁହେଁ ବରଂ ସାମାଜିକ ଓ ରାଜନୈତିକ ବ୍ୟବସ୍ଥାର ପ୍ରତିନିଧିତ୍ୱ କରୁଥିବା ସମସ୍ତ ସରକାର ନିକଟରେ, ସମସ୍ତ ପୁଞ୍ଜିପତି ଶ୍ରେଣୀ ନିକଟରେ ନୁହେଁ ବରଂ ସାମାଜିକ ଓ ରାଜନୈତିକ ବ୍ୟବସ୍ଥାର ପ୍ରତିନିଧିତ୍ୱ କରୁଥିବା ସମସ୍ତ ସରକାର ନିକଟରେ, ସମସ୍ତ ପୁଞ୍ଜିପତି ଶ୍ରେଣୀ ନିକଟରେ ଏବଂ ଉତ୍ପାଦନ ସନ୍ଧାନରେ ଲିପ୍ତ ଥିବା ସମସ୍ତ ମାଲିକମାନଙ୍କ ନିକଟରେ ।

ମଇ ଦିବସ ଆନ୍ତର୍ଜାତିକ ସର୍ବହରାମାନଙ୍କର କେନ୍ଦ୍ରବିନ୍ଦୁ । ଆଠଘଣ୍ଟା କାମ ସହିତ ସେମାନଙ୍କର ଅନ୍ୟାନ୍ୟ ଦାବିନେଇ ସେମାନେ ଧର୍ମଘଟ ଶୋଭାଯାତ୍ରା ଓ ବିକ୍ଷୋଭମାନ ଅନୁଷ୍ଠିତ କରିଥିଲେ । ସେମାନେ ଅନ୍ୟ ଯେଉଁ ଦାବି ଉପସ୍ଥାପିତ କରୁଥିଲେ, ସେଥିରେ ଥିଲା ଆନ୍ତର୍ଜାତିକ କ୍ଷେତ୍ରରେ ଶ୍ରମିକ ଶ୍ରେଣୀର ସଂହତି, ସାର୍ବଜନୀନ ଭୋଟ ବ୍ୟବସ୍ଥା, ସାମ୍ରାଜ୍ୟବାଦୀ ଯୁଦ୍ଧ ଓ ଉପନିବେଶ ଶୋଷଣ ବନ୍ଦ କରିବା, ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତ କରିବା, ଶ୍ରମିକ ଶ୍ରେଣୀକୁ ରାଜନୈତିକ ଓ ଅର୍ଥନୈତିକ ସଙ୍ଗଠନ ଗଠନ ପାଇଁ ଅଧିକାର ଦେବା ।

ବିଶ୍ୱବ୍ୟାପି ନବ୍ୟ ଉଦାରବାଦୀ ଜଗତୀକରଣ ବିରୋଧରେ ଶ୍ରମିକ ଶ୍ରେଣୀ ଐକ୍ୟବଦ୍ଧ ଆନ୍ଦୋଳନ ଜାରି ରଖିଛି । ଭାରତରେ ଶ୍ରମିକ ଶ୍ରେଣୀର ଅବସ୍ଥା ଅତ୍ୟନ୍ତ ସଙ୍ଗୀନ । ୨୦୦୯ ମସିହା ମଇ ଦିବସ ପାଳନ କରିବା ବେଳେ ଦେଶରେ ଥିଲା ନିର୍ବାଚନ । ନିର୍ବାଚନର ଉଷ୍ମତା ସତ୍ତ୍ୱେ ଶ୍ରମିକ ଶ୍ରେଣୀ ଦେଶରେ ଦେଖା ଦେଇଥିବା ଆର୍ଥିକ ସମସ୍ୟା ଓ ମାନ୍ଦାବସ୍ଥା ଯୋଗୁଁ ବଜାର

ଅର୍ଥନୀତି ଓ ପୁଞ୍ଜିବାଦର ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରି ସାମାଜିକ ମାଲିକାନା, ନିୟନ୍ତ୍ରଣ ଓ ଯୋଜନାରେ ପରିବର୍ତ୍ତନ ପାଇଁ ଦାବି ଦୋହରାଇଥିଲା ।

ନିର୍ବାଚନ ପରେ କେନ୍ଦ୍ରରେ କଂଗ୍ରେସ ନେତୃତ୍ୱରେ ଉପା ସରକାରର ଶାସନ ଆରମ୍ଭ ହେଲା କିନ୍ତୁ ଶ୍ରମଜୀବୀ ଜନଗଣଙ୍କର ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ।

୨୦୦୯ ମସିହା ଶ୍ରମିକ ଶ୍ରେଣୀ ପାଇଁ ଏକ ଘଟଣାବହୁଳ ସଂଗ୍ରାମ ଓ ସଂଘର୍ଷର ବର୍ଷ ଭାବେ ଯାଇଛି । ୧୮ ଫେବୃଆରୀ ୨୦୦୯ରେ ଶ୍ରମିକ ଶ୍ରେଣୀ ମିଳିତ ଭାବେ ଏକାଠି ହୋଇ ଦିଲ୍ଲୀଠାରେ ସଂସଦ ସମ୍ମୁଖରେ ୧୩ଦଫା ଦାବି ଉପରେ ବିକ୍ଷୋଭ କରିଛନ୍ତି । ଆର୍ଥିକ ମାନ୍ଦାବସ୍ଥାର ଦୁହାଇ ଦେଇ ଛଟେଇ, ଲେ-ଅଫ, ମଜୁରି ସଙ୍କୋଚନ, ନିଯୁକ୍ତିର ସୁରକ୍ଷା, ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଘରୋଇକରଣ ନକରିବା, ୧୫ତମ ଶ୍ରମ ସମ୍ମିଳନୀ ଅନୁସାରେ ସର୍ବନିମ୍ନ ମଜୁରି ବୃଦ୍ଧି, ଶ୍ରମ ଆଇନକୁ କଡାକଡି ଲାଗୁ କରିବା, ସାର୍ବଜନୀନ କରିବା, କୃଷିକ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ ଇତ୍ୟାଦି ଦାବିନେଇ ବିକ୍ଷୋଭ କରି ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ । ପୁନଶ୍ଚ ୧୪ ସେପ୍ଟେମ୍ବର ୨୦୦୯ରେ ଏକ ଐତିହାସିକ କନଭେନସନ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତର ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିୟନମାନେ ଯୋଗଦେଇ ଉତ୍କଟ ଦରବୃଦ୍ଧି, ଅତ୍ୟଧିକ ବେକାରି ଓ ନିଯୁକ୍ତି ହ୍ରାସ, ଶ୍ରମ ଆଇନର ଉଲ୍ଲଘଂନ, ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ବିରୋଧରେ ଏବଂ ଅସଂଗଠିତ କ୍ଷେତ୍ର ପାଇଁ ଅଧିକ ଅର୍ଥ ବ୍ୟବସ୍ଥା ଦାବିରେ ଦେଶବ୍ୟାପି ୨୮ ଅକ୍ଟୋବର ୨୦୦୯ରେ ପ୍ରତିବାଦ ଦିବସ, ୧୬ଡିସେମ୍ବର ୨୦୦୯ରେ ରାଜ୍ୟସ୍ତରୀୟ ଧାରଣା ଓ ସାଂସଦ ସମ୍ମୁଖରେ ଧାରଣା ଏବଂ ୫ମାର୍ଚ୍ଚ ୨୦୧୦ରେ ଦେଶବ୍ୟାପୀ ସତ୍ୟାଗ୍ରହ ଓ ଜେଲଭରୋ ଆନ୍ଦୋଳନ ସଙ୍ଗଠିତ କରିଛନ୍ତି । ୨୦୧୨ ଫେବୃଆରୀରେ ମଧ୍ୟ ଅଭୂତପୂର୍ବ ଧର୍ମଘଟ ହୋଇଛି । ଏହି କାର୍ଯ୍ୟକ୍ରମଗୁଡିକ ମାଧ୍ୟମରେ ଶ୍ରମିକ ଶ୍ରେଣୀ କେନ୍ଦ୍ର ସରକାରଙ୍କର ଆର୍ଥିକ, ଶ୍ରମନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ସେମାନଙ୍କର ଐକ୍ୟବଦ୍ଧ ସଂଗ୍ରାମ ଦ୍ୱାରା କେନ୍ଦ୍ର ସରକାରଙ୍କୁ ଶ୍ରମ ବିରୋଧୀ ଓ ଜନବିରୋଧୀ ନୀତି ବିରୋଧରେ ଚେତାବନୀ ଦେଇଛନ୍ତି।

ଶ୍ରମିକ ଶ୍ରେଣୀର ଏହି ସଂଘର୍ଷ ଜାରି ରହିଛି। କେନ୍ଦ୍ର ସରକାର ନବ୍ୟ ଉଦାରବାଦୀ ଅର୍ଥନୀତିରେ ଏଯାବତ୍ ପରିବର୍ତ୍ତନ ନକରି ପୁଞ୍ଜିପତି ଓ ବହୁ ରାଷ୍ଟ୍ରୀୟ କମ୍ପାନୀମାନଙ୍କର କ୍ରୀଡନକ ସାଜିଛନ୍ତି । ଏପରିକି ଭାରତର ସର୍ବୋଚ୍ଚ ନ୍ୟାୟପାଳିକା ସୁପ୍ରିମକୋର୍ଟର ଡିଭିଜନ ବେଞ୍ଚ ଉଲ୍ଲେଖ କରି କହିଛନ୍ତି ଯେ ଜଗତୀକରଣ ଓ ଉଦାରୀକରଣର ମନଲୋଭା ମନ୍ତ୍ର ନ୍ୟାୟ ବ୍ୟବସ୍ଥାକୁ ଆକର୍ଷିତ କରୁଛି ଏବଂ ସାମ୍ବିଧାନିକ କୋର୍ଟ ଉଦ୍ୟୋଗିକ ଶ୍ରମିକ ଓ ଅସଂଗଠିତ ଶ୍ରମିକମାନଙ୍କର ଦୁଃଖଦୁର୍ଦ୍ଦଶା ପ୍ରତି ସମ୍ବେଦନଶୀଳ ହେଉନାହାନ୍ତି । ଆମର ସମ୍ବିଧାନ ଶାସକ ଶ୍ରେଣୀ ପାଇଁ ନହୋଇ ହୋଇଛି ଜନଗଣଙ୍କ ପାଇଁ, ରାସ୍ତାରେ ବଞ୍ଚୁଥିବା ମଣିଷମାନଙ୍କ ପାଇଁ । ଜଗତୀକରଣ ଫଳରେ ସମାଜରେ ଖୋଳାଯାଇଥିବା ଗାତକୁ ପୂରଣ କରାଯାଇପାରିବ ଯଦି କୋର୍ଟ ସମାଜର ଦୁର୍ବଳ ଶ୍ରେଣୀର ସ୍ୱାର୍ଥକୁ ସୁରକ୍ଷା କରିବା ପାଇଁ ପ୍ରଚେଷ୍ଟା କରେ।

ଶ୍ରମିକ ଶ୍ରେଣୀର ଏହି ଐକ୍ୟବଦ୍ଧ ସଂଗ୍ରାମରେ ବହୁ ମହିଳା ଶ୍ରମିକ ମଧ୍ୟ ସାମିଲ ହେଉଛନ୍ତି । ସମସ୍ତ କର୍ମଜୀବୀ ମହିଳାମାନଙ୍କୁ ସମାନ କାମ ପାଇଁ ସମାନ ଦରମା ଦେବାର ଦାବି ଦିନକୁ ଦିନ ତୀବ୍ରତର ହେବାରେ ଲାଗିଛି । ଏପର୍ଯ୍ୟନ୍ତ ଅଙ୍ଗନବାଡି, ଆଶା, ପାଚିକାମାନଙ୍କୁ ଶ୍ରମିକ ଭାବେ ଗ୍ରହଣ କରାଯାଇନାହିଁ ଓ ସର୍ବନିମ୍ନ ମଜୁରି ଦିଆଯାଉ ନାହିଁ।

ଦେଶର ବହୁସଂଖ୍ୟକ ମହିଳା ଅନଔପଚାରିକ କ୍ଷେତ୍ରରେ କାର୍ଯ୍ୟ କରିଥିବାରୁ ସେମାନେ ସାମାଜିକ ସୁରକ୍ଷାରୁ ବଞ୍ଚିତ। ମହିଳାମାନଙ୍କୁ କର୍ମକ୍ଷେତ୍ରରେ ନିର୍ଯାତନା ଦିଆଯାଉଛି । କେନ୍ଦ୍ର ସରକାର ଶ୍ରମିକ ଶ୍ରେଣୀର ଟ୍ରେଡ ୟୁନିୟନ ଅଧିକାରୀ ଉପରେ ହସ୍ତକ୍ଷେପ କରୁଛନ୍ତି । ଏହା ବିରୋଧରେ ବ୍ୟାପକ ସଂଗ୍ରାମ ପାଇଁ ଶ୍ରମିକ ଶ୍ରେଣୀ ଚେଷ୍ଟା ଜାରି ରହିଥିବା ବେଳେ କେନ୍ଦ୍ର ସରକାର ଅଧିକ ବିଶେଷ ଅର୍ଥନୈତିକ ଅଞ୍ଚଳ ପ୍ରତିଷ୍ଠା ପାଇଁ ସବୁଜ ସଂକେତ ଦେଇ ଶ୍ରମ ଆଇନର ଉଲ୍ଲଘଂନ କରିବାକୁ ପୁଞ୍ଜିପତିମାନଙ୍କୁ, କର୍ପୋରେଟ ହାଉସମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ପାଇଁ ସରକାର ବଦ୍ଧପରିକର। ଉତ୍କଟ ଦରଦାମ୍ ବୃଦ୍ଧିରେ ଶ୍ରମଜୀବୀଗଣ ଉଚ୍ଛନ୍ନ ହେଉଥିବାବେଳେ କେନ୍ଦ୍ର ସରକାରଙ୍କର ଶ୍ରମଜୀବୀ ଜନଗଣଙ୍କ ଉପରେ ଯେଉଁ ଜନବିରୋଧୀ ନୀତି ଲାଗୁ କରିଛନ୍ତି, ତାହା ବିରୋଧରେ ଶ୍ରମିକ ଶ୍ରେଣୀର ମିଳିତ ସଂଗ୍ରାମ ହିଁ ଏକମାତ୍ର ଅସ୍ତ୍ର।

ଭାରତରେ ସମସ୍ତ କେନ୍ଦ୍ରୀୟ ଟ୍ରେଡ୍‌ୟୁନିୟନମାନଙ୍କର ଐକ୍ୟର ପ୍ରତିଷ୍ଠା ହୋଇଛି ଏବଂ ସେମାନେ ଐକ୍ୟବଦ୍ଧ ଆନ୍ଦୋଳନ ଜାରି ରଖିଛନ୍ତି । ପୁଞ୍ଜିବାଦୀ ଜଗତୀକରଣ ଅର୍ଥନୀତି ବିଶ୍ୱର ସମସ୍ତ ଶ୍ରମିକଶ୍ରେଣୀକୁ ଏକଜୁଟ କରିଛି ଏବଂ ବିଶ୍ୱବ୍ୟାପି ପୁଞ୍ଜିବାଦୀ ବ୍ୟବସ୍ଥା ଓ ଶାସନ ବିରୋଧରେ ଶ୍ରମିକ ଶ୍ରେଣୀର ସଂଗ୍ରାମ ଶ୍ରମିକଶ୍ରେଣୀ ଆଗରେ ମଇ ଦିବସର ଐତିହ୍ୟ ଓ ସଂଗ୍ରାମକୁ ମନେ ପକାଇ ଦେଇଛି ।

ଗଜପତି ନଗର

ଭୁବନେଶ୍ୱର- ୭୫୧୦୦୫